# NATIONAL NEWS BULLETIN (ODIA)

**12 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶ ବିକାଶ କ୍ଷେତ୍ରରେ ମହିଳାମାନଙ୍କ ଅଭୂତପୂର୍ବ ଯୋଗଦାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା

- ଟେଲିଭିଜନ ଓ ରେଡିଓ ପ୍ରସାରଣ କ୍ଷେତ୍ରରେ ବ୍ୟବସାୟର ସହଜତା ବୃଦ୍ଧି ଉଦ୍ଦେଶ୍ୟରେ ଜାରି ହେଲା ଟେଲିଯୋଗାଯୋଗ ଆଇନ୍-୨୦୨୬ ଚିଠା ନିୟମ

- ନିଟ୍ ୟୁଜି ୨୦୨୬ ପୁନଃ ପରୀକ୍ଷା ନିମନ୍ତେ ପରୀକ୍ଷା ଅବଧି ୧୫ ମିନିଟ୍ ବୃଦ୍ଧି ।

- ଶ୍ରୀ ଅମରନାଥ ଯାତ୍ରା ପ୍ରସ୍ତୁତି ସଂପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଆଜିଠାରୁ ଆରମ୍ଭ ହେବ ଦଶମ ସଂସ୍କରଣ

---

# ପିଏମ୍-ନାରୀଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆର୍ଥିକ ଅନ୍ତର୍ଭୁକ୍ତି ଓ ଉଦ୍ୟୋଗିତାରୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା, ଆବାସ, କ୍ରୀଡ଼ା, ବିଜ୍ଞାନ

ଏବଂ ପ୍ରଶାସନ ସବୁ କ୍ଷେତ୍ରରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ମହିଳାମାନଙ୍କ ଯୋଗଦାନ ବୃଦ୍ଧି ପାଉଥିବା ଏବଂ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଭଳି ବିକଶିତ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସୁଯୋଗ ଦେଶର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି । ଗତ ୧୨ ବର୍ଷରେ ଏନ୍‌ଡିଏ ସରକାର ବିଭିନ୍ନ କ୍ଷେତ୍ରରେ ମହିଳା କୈନ୍ଦ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଆସିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ସରକାର ସକ୍ରିୟ ଭାବେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରିବା ଫଳରେ ମହିଳାମାନେ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରି ସଶକ୍ତ କରିବା କ୍ଷେତ୍ରରେ ଏବଂ ଦେଶ ଗଠନରେ ସେମାନଙ୍କ ସଶକ୍ତ ଯୋଗଦାନକୁ ନିଶ୍ଚିତ କରିବା କ୍ଷେତ୍ରରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ  ବିଜ୍ଞାନ, ମହାକାଶ ଏବଂ ନବସୃଜନ କ୍ଷେତ୍ରରେ ଭାରତୀୟ ନାରୀଶକ୍ତିଙ୍କ ସଫଳତା ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । **V/O**

ଏକ ସଂସ୍କୃତ ଶ୍ଳୋକର ଅବତାରଣା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ନିର୍ମାଣରେ ନାରୀଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଦେଶର ମାତୃଶକ୍ତି, ଭଉଣୀ ଓ ଝିଅମାନେ ସେମାନଙ୍କର ଅସାଧାରଣ ପ୍ରତିଭା ଓ ସାମର୍ଥ୍ୟ ବଳରେ ପ୍ରତ୍ୟେକ କ୍ଷେତ୍ରରେ ଦେଶର ଶୌର୍ଯ୍ୟ ବୃଦ୍ଧି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

# ଟେଲିକମ୍ୟୁନିକେସନ ରୁଲ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟେଲିଯୋଗାଯୋଗ ଆଇନ ୨୦୨୬ ଚିଠା ପ୍ରସ୍ତାବ ଜାରି କରିଛି । ଏହି ଚିଠା ପ୍ରସ୍ତାବରେ ଟେଲିଭିଜନ, ରେଡିଓ ଏବଂ ଏ ସଂପର୍କିତ ସେବାଗୁଡ଼ିକର ପ୍ରସଙ୍ଗରେ ଲୋକଙ୍କ ମତାମତ ଗ୍ରହଣ କରାଯିବ । ଚିଠା ନିୟମରେ ୧୮୮୫ ଟେଲିଗ୍ରାଫ୍ ଆଇନ ଏବଂ ୨୦୨୩ରେ ପ୍ରଣୟନ ହୋଇଥିବା ଟେଲିଯୋଗାଯୋଗ ନିୟମରେ କେତେକ ପରିବର୍ତ୍ତନ କରାଯାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଟେଲିଭିଜନ ଏବଂ ରେଡିଓ ପ୍ରସାରଣ କ୍ଷେତ୍ରରେ ବ୍ୟବସାୟର ସହଜତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ କେତେକ ନିୟମରେ ସରଳୀକରଣ କରାଯାଇଛି । ଟେଲି ଯୋଗାଯୋଗ ଆଇନର ବିଭିନ୍ନ ବିଷୟକୁ ଗୋଟିଏ ନିୟାମକ ଢ଼ାଞ୍ଚାରେ ସ୍ଥାନୀତ କରିବା ଉଦ୍ଦେଶ୍ୟରେ ଏହି ଚିଠା ପ୍ରସ୍ତାବ ଅଣାଯାଇଛି ।

ସୂଚନା ଅନୁଯାୟୀ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଚିଠା ନିୟମ ପ୍ରକାଶିତ ହୋଇଛି ଏବଂ ଏ କ୍ଷେତ୍ରରେ ଚଳିତମାସ ୨୭ ତାରିଖ ସୁଦ୍ଧା ମତାମତ ଓ ପ୍ରସ୍ତାବ ଗ୍ରହଣ କରାଯିବ ।

# ନିଟ୍

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ନିଟ୍ -ୟୁଜି ୨୦୨୬ ପୁନଃ ପରୀକ୍ଷା ନିମନ୍ତେ ପରୀକ୍ଷା ଅବଧି ୧୫ ମିନିଟ୍ ବୃଦ୍ଧି କରିଛନ୍ତି । ପରୀକ୍ଷା ଅବଧି ୧୮୦ ମିନିଟ୍‌ରୁ ୧୯୫ ମିନିଟ୍‌କୁ ବୃଦ୍ଧି କରାଯାଇଛି । ଚଳିତମାସ ୨୧ ତାରିଖରେ ହେବାକୁଥିବା ପୁନଃ ପରୀକ୍ଷା ଅପରାହ୍ଣ ୨ଟାରୁ ୫ଟା

ପରିବର୍ତ୍ତେ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅତିରିକ୍ତ ୧୫ ମିନିଟ୍ ସମୟରେ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟ କରାଯିବ । ଗତ କିଛିବର୍ଷ ହେବ ପରୀକ୍ଷାର୍ଥୀଙ୍କଠାରୁ ମିଳିଥିବା ମତାମତ ଆଧାରରେ ସମୟ ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଛି । ଏନ୍‌ଟିଏ ପକ୍ଷରୁ ନିଟ୍ ୟୁଜି ପରୀକ୍ଷା ସ୍ୱଚ୍ଛ ଢଙ୍ଗରେ କରାଯିବ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ ରଫ୍ କାର୍ଯ୍ୟ ପାଇଁ ପ୍ରଶ୍ନପତ୍ରରେ ପୂର୍ବରୁ ୨ ଫର୍ଦ୍ଦ କାଗଜ ଦିଆଯାଉଥିବା ବେଳେ ଏଣିକି ୪ ଫର୍ଦ୍ଦ କାଗଜ ଦିଆଯିବ । ଫଳରେ ପରୀକ୍ଷାର୍ଥୀମାନେ ହିସାବ ଓ ଡାଏଗ୍ରାମ ଅଙ୍କନ ପାଇଁ ସୁବିଧା ପାଇବେ । ବିଶେଷକରି ବାମ ହାତରେ ଲେଖୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଅଧିକ ସହାୟକ ହେବ । ପ୍ରଶ୍ନପତ୍ରର ପ୍ରାରମ୍ଭରେ ଦୁଇପୃଷ୍ଠା ଏବଂ ଶେଷରେ  ଅନ୍ୟ ଦୁଇ ପୃଷ୍ଠା ଦିଆଯିବ । ଉଭୟ ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ପାଇଁ ନୂଆ ବ୍ୟବସ୍ଥା ସହାୟକ ହେବ ବୋଲି କୁହାଯାଇଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଏହି ପରିବର୍ତ୍ତନ ପରୀକ୍ଷାର୍ଥୀଙ୍କ ଉପରେ ସକାରାତ୍ମକ ପ୍ରଭାବ  ପକାଇବ ବୋଲି ଏନଟିଏ ପକ୍ଷରୁ କୁହାଯାଇଛି ।

---

## ହାଇସ୍ପିଡ୍ ଡିଜେଲ୍

କେନ୍ଦ୍ର ସରକାର ବିଭିନ୍ନ ପ୍ରତିଷ୍ଠାନ, ଶିଳ୍ପ ଏବଂ ବାଣିଜ୍ୟିକ ଉପଭୋକ୍ତାମାନଙ୍କୁ ସାଧାରଣ ବିକ୍ରେତାଙ୍କଠାରୁ ମଟର ସ୍ପିରିଟ୍ ଏବଂ ଉଚ୍ଚଶକ୍ତିସଂପନ୍ନ ଡିଜେଲ୍ କ୍ରୟ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି । ପଶ୍ଚିମ ଏସିଆରେ ସୃଷ୍ଟ ବିବାଦ ଯୋଗୁଁ ଯୋଗାଣ ଶୃଙ୍ଖଳରେ ଉପୁଜିଥିବା ସମସ୍ୟାକୁ ନେଇ ଯୋଗାଣ କ୍ଷେତ୍ରରେ ଯେଭଳି ଅସୁବିଧା ନ ହେବ, ସେଥିଲାଗି ଏହି ନିଷ୍ପତ୍ତି ନିଆଯାଇଛି । ଏକ ବିଜ୍ଞପ୍ତିରେ କେନ୍ଦ୍ର

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଆସନ୍ତା ୯୦ ଦିନ ପର୍ଯ୍ୟନ୍ତ ଏହି ପ୍ରତିବନ୍ଧକ ଜାରି କରିଛନ୍ତି । ଅନ୍ୟପକ୍ଷରେ ସାଧାରଣ ବିକ୍ରୟ କେନ୍ଦ୍ରଗୁଡ଼ିକୁ ଦୈନିକ ୨୦୦ ଲିଟରର ପର୍ଯ୍ୟନ୍ତ ଉଚ୍ଚଶକ୍ତିସଂପନ୍ନ ଡିଜେଲ୍ ବିକ୍ରୟ ଲାଗି ଅନୁମତି ଦେଇଛନ୍ତି ।

## ଶାହା ଅମରନାଥ

ଶ୍ରୀଅମରନାଥ ଯାତ୍ରା ପ୍ରସ୍ତୁତି ସଂପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବୈଠକରେ ସେନାବାହିନୀ ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ବିଭିନ୍ନ ଅର୍ଦ୍ଧସାମରିକ ବଳର ମହାନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ । ଆସନ୍ତା ଜୁଲାଇ ମାସ ୩ ତାରିଖରେ ଅମରନାଥ ଯାତ୍ରା ଆରମ୍ଭ ହୋଇ ଅଗଷ୍ଟ ୨୮ ତାରିଖ ଦିନ ଶେଷ ହେବ ।

## ଯୋଶୀ-ଓନିଅନ୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଦେଶରେ ପିଆଜ ସଂଗ୍ରହ ସହିତ ପିଆଜ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବା ନେଇ ଏକ ବୈଠକ କରିଛନ୍ତି । ବୈଠକରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଅଧିକାରୀମାନଙ୍କ ସହିତ ପିଆଜ ସଂଗ୍ରହ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଯୋଶୀ କହିଛନ୍ତି, କ୍ୱିଣ୍ଟାଲ ପିଛା ପିଆଜର ସର୍ବନିମ୍ନ କ୍ରୟ ମୂଲ୍ୟକୁ ୧ ହଜାର ୬୫୦ ଟଙ୍କା

ସୁନିଶ୍ଚିତ କରାଯାଇଛି । କ୍ରୟ ମୂଲ୍ୟ ନିର୍ଣ୍ଣୟ କରିବା ପାଇଁ ବ୍ୟବସ୍ଥାରେ ସଂଶୋଧନ କରାଯାଇଥିବା ମନ୍ତ୍ରୀ କହିଛନ୍ତି ।

## ଯଶପାଲ୍ ରାଣା-ଡାଏଡ୍

ବିଶିଷ୍ଟ ଭାରତୀୟ ସୁଟିଂ କୋଚ୍ ଓ ପୂର୍ବତନ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜେତା ଯଶପାଲ ରାଣାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା । ଜାତୀୟ ରାଇଫଲ୍ ସଂଘର ସଭାପତି କଳିକେଶ ନାରାୟଣ ସିଂହଦେଓଙ୍କ ସୂଚନା ଅନୁଯାୟୀ ଶ୍ରୀ ରାଣାଙ୍କର ଗତକାଲି ରାତିରେ ଦିଲ୍ଲୀର ଏକ ହସ୍ପିଟାଲରେ ପରଲୋକ ଘଟିଥିଲା । ଜର୍ମାନୀର ମ୍ୟୁନିକ୍ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ପ୍ରତିଯୋଗିତା ଶେଷକରି   ଭାରତୀୟ ଦଳ ଫେରୁଥିବା ବେଳେ ଶ୍ରୀ ରାଣା ଅସୁସ୍ଥ ହୋଇପଡ଼ିଥିଲେ । ନୂଆଦିଲ୍ଲୀରେ ପହଞ୍ଚିବାକ୍ଷଣି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସରେ ୨ଟି ବ୍ରୋଞ୍ଜ ପଦକ ଜିତିଥିବା ମନୁ ଭାକରଙ୍କୁ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ବନ୍ଧୁକ ଚାଳନା କ୍ଷେତ୍ରରେ ଶ୍ରୀ ରାଣା ଅନେକଗୁଡ଼ିଏ ସଫଳତା ହାସଲ କରି ଦେଶକୁ ଗର୍ବିତ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅତୁଳନୀୟ ପ୍ରତିବଦ୍ଧତା, ଶୃଙ୍ଖଳା ଓ ସେବା ପାଇଁ ସେ ପ୍ରଶଂସାର ପାତ୍ର ହୋଇପାରିଥିଲେ  । ଶ୍ରୀ ରାଣାଙ୍କ ବିୟୋଗ ଦେଶର କ୍ରୀଡ଼ା କ୍ଷେତ୍ରରେ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶୋକବ୍ୟକ୍ତ କରି କହିଛନ୍ତି, ଶ୍ରୀ ରାଣା କେବଳ ଜଣେ ଉଚ୍ଚକୋଟିର ଖେଳାଳି ଓ କୋଚ୍ ନଥିଲେ, ସେ ଅତ୍ୟନ୍ତ ମେଳାପି ଓ ନମ୍ର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

## ଇଡି-ନରେଶ କୁମାର

ଆଇଡିଏଫ୍‌ସି ବ୍ୟାଙ୍କ ଜାଲିଆତି ମାମଲାର ଚାଲିଥିବା ତଦନ୍ତ ପରିପ୍ରେକ୍ଷୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି, ହରିୟାଣାର ଡେଭଲପ୍‌ମେଣ୍ଟ ଓ ପଞ୍ଚାୟତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ତତ୍କାଳୀନ ଅଧିକ୍ଷକ ନରେଶ କୁମାରଙ୍କୁ ଗିରଫ କରିଛି। ଅର୍ଥ ଶୋଧନ ନିବାରଣ ଆଇନ-ପିଏମ୍‌ଏଲ୍‌ଏ, ୨୦୦୨ ଅନୁଯାୟୀ ତାଙ୍କୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଆଇଡିଏଫ୍‌ସି ଫାଷ୍ଟ୍ ବ୍ୟାଙ୍କରେ ଥିବା ହରିୟାଣା ସରକାର, ଚଣ୍ଡିଗଡ଼ ପ୍ରଶାସନ ଏବଂ ଦୁଇଟି ଘରୋଇ ବିଦ୍ୟାଳୟର ବ୍ୟାଙ୍କ ଖାତାରୁ ୬୪୫ କୋଟି ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ କରାଯାଇଥିଲା। ଗତକାଲି ଗିରଫ ପରେ ଅଭିଯୁକ୍ତଙ୍କୁ ପିଏମ୍‌ଏଲ୍‌ଏ ଅଦାଲତରେ ହାଜର କରାଯିବା ପରେ ଅଦାଲତ ତାଙ୍କୁ ରବିବାର ପର୍ଯ୍ୟନ୍ତ ଚାରି ଦିନିଆ ଇଡି ହେପାଜତକୁ ପଠାଇଛନ୍ତି ।

## ୱିମେନ୍ସ-ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇସିସି ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଦଶମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଆୟୋଜକ ଇଂଲଣ୍ଡ ଦଳ ବର୍ମିଂହାମ୍‌ର ଏଜବାଷ୍ଟନ୍ ଠାରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବ । ପ୍ରାୟ ଏକ ମାସ ବ୍ୟାପୀ ଏହି ପ୍ରତିଯୋଗିତାରେ ଇଂଲଣ୍ଡ ଓ ୱେଲ୍ସର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଅନୁଷ୍ଠିତ ହେବ ଏବଂ ଜୁଲାଇ ୫

ତାରିଖରେ ଐତିହାସିକ ଲର୍ଡ୍ସ କ୍ରିକେଟ୍ ପଡ଼ିଆରେରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ। ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ୭ଟି ସ୍ଥାନରେ ୩୩ଟି ମ୍ୟାଚ୍ ଖେଳାଯିବ।

## ବ୍ୟାଡମିଣ୍ଟନ

ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ସିଡ୍‌ନୀଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗିଲ୍‌ସରେ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି । ଟୁର୍ଣ୍ଣାମେଣ୍ଟର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ପି.ଭି. ସିନ୍ଧୁ ଚାଇନିଜ୍ ତାଇପେଇର ଚେନ୍ ସୁ ୟୁ ଙ୍କୁ ୨୧-୬,୨୧-୯ ସେଟ୍‌ରେ ସିଧାସଳଖ ପରାସ୍ତ କରିଛନ୍ତି । ସେମିଫାଇନାଲ୍‌ରେ ସେ ଟୁର୍ଣ୍ଣାମେଣ୍ଟରେ ଏକନମ୍ବର ଖେଳାଳି ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ ।.

## ଫିଫା-ୱାର୍ଲ୍ଡକପ୍

ଫିଫା ବିଶ୍ୱକପ୍-୨୦୨୬ରେ ଆଜି ଗ୍ରୁପ୍-ବି ରେ ଟରଣ୍ଟୋ ଷ୍ଟାଡିୟମ୍‌ରେ ସହ-ଆୟୋଜକ କାନାଡା ଓ ବୋସ୍‌ନିଆ-ହେର୍‌ଯୋଗଭିନା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଆଜି ଅନୁଷ୍ଠିତ ଗ୍ରୁପ୍-ଏର ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୨-୧ ଗୋଲ୍‌ରେ ଚେକ୍ ଗଣରାଜ୍ୟକୁ ପରାସ୍ତ କରିଛି ।

ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଗ୍ରୁପ୍-ଏ ରେ ସହ-ଆୟୋଜକ ମେକ୍ସିକୋ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲ୍‌ରେ ପରାସ୍ତ କରିଥିଲା । ଗ୍ରୁପ୍-ଏର ପରବର୍ତ୍ତୀ  ମେକ୍‌ସିକୋ' ଦକ୍ଷିଣ କୋରିଆକୁ  ଏବଂ ଚେକ୍ ଗଣରାଜ୍ୟ' ଦକ୍ଷିଣ ଆଫ୍ରିକାକୁ ଭେଟିବେ ।

ଚଳିତ ଫିଫା ବିଶ୍ୱକପ୍‌ରେ କାନାଡା, ମେକ୍ସିକୋ ଏବଂ ଯୁକ୍ତରାଷ୍ଟ୍ରରେ ୪୮ଟି ଦଳ ୧୦୪ଟି ମ୍ୟାଚ୍ ଖେଳିବେ। ମେକ୍ସିକୋ ସିଟିରେ ଗତକାଲି ଭବ୍ୟ ଉଦ୍‌ଘାଟନୀ ସମାରୋହ ସହ ଫିଫା ବିଶ୍ୱକପ୍-୨୦୨୬ର ଶୁଭାରମ୍ଭ ହୋଇଛି।

---